# ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

ନିରାକାରପୁର,(ସବ୍ୟୁ) ଖୋର୍ଦ୍ଧା ବ୍ଲକ ଗୋଡିପଡାରେ ଆଜି ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସଂପୂର୍ଣ୍ଣ ପୋଡିଯାଇଛ। ରୋଷେଇ କରୁଥିବାବେଳେ ଚାଳରେ ଲାଗିଲା ନିଆଁ ଲାଗି ଗ୍ରାମର ସଂଜୀବ ପାହାଡସିଂହ ଏବଂ ଶ୍ରୀଧର ପାହାଡାସିଂହ ଙ୍କର ଚାରି ବଖରା ଜଳି ଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସଂପତି ଜଳିପୋଡ଼ି ପାଉଁଶ ହୋଇଯାଇଛି । ଖବର ପାଇ ଖୋର୍ଦ୍ଧା ଅଗ୍ନିଶମ ବାହିନୀ ଏବଂ ଗୋଡିପଡା ଗ୍ରାମବାସୀ ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନୀବିପନ୍ନ ଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାକୁ ସ୍ଥାନୀଲୋକେ ଦାବି କରିଛନ୍ତି।



# ନନ୍ଦନକାନନରେ ବୁଲିଲା ଖଣ୍ଡା : ଭୟରେ କର୍ମଚାରୀ, ୨ ଅଧିକାରୀ ଆହତ

ବାରଙ୍ଗ,(ସବ୍ୟୁ) ଁସୋମବାର ଦିନ ଜଣେ ଯୁବକ ହାତରେ ଖଣ୍ଡା ଓ କଟୁରି ଧରି ନନ୍ଦନକାନନ ଭିତରେ ପ୍ରାୟ ଅଧଘଣ୍ଟା ଉତ୍ପାତ କରିଛି। ଯାହାଫଳରେ କର୍ମଚାରୀ ମାନଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ୨ଜଣ ଅଧିକାରୀ ଙ୍କୁ ଆକ୍ରମଣ କରି ଆହତ ହୋଇଛନ୍ତି । ପ୍ରକାଶ ଯେ, ସୋମବାରଦିନ ଅପରାହ୍ନରେ ନନ୍ଦନକାନନ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଯୁବକ ଉତ୍ପାତ ଉତ୍ପାତ କରି କମ୍ପୁଟର,ଝରକାକାଚ, ଟେବୁଲ ଓ ଅନ୍ୟାନ୍ୟ ସାମଗ୍ରୀଭାଙ୍ଗିବାସହ ୨ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ଆକ୍ରମଣ କରିଥିବାର ସୁଚନା ମିଳିଛି। ସ୍ଥାନୀୟଗ୍ରାମର ଏହି ଯୁବକଜଣଙ୍କ ମାରାଣାସ୍ତ୍ର ହାତରେ ଧରି ଦୀର୍ଘ ଅଧଘଣ୍ଟାକାଳ କାର୍ଯ୍ୟାଳୟରେ ଉତ୍ପାତ କରିଛି ।ଯୁବକ ଜଣଙ୍କ କାହିଁକି ଏପରି କରିଛନ୍ତି ତାହା ସ୍ୱଷ୍ଟ ହୋଇନଥିବା ବେଳେ ଯୁବକ ଜଣଙ୍କର ଉତ୍ପାତ ଯୋଗୁ ଅଧଘଂଟାପାଇଁ କାର୍ଯ୍ୟାଳୟରେ କୋକୁଆ ଭୟ ସୃଷ୍ଟିହୋଇଯାଇଥିଲା । ଯୁବକ ଜଣଙ୍କ ଅପରାହ୍ନ୪ଟା ସୁଧା ହଠାତ ଖଣ୍ଡାଧରି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଭିତରକୁ ପଶିଆସିଥିଲା ।କେହିକିଛି ଜାଣିବାପୁର୍ବରୁ ଅଶ୍ଲିଳଭାଷାରେ ଗାଳିଗୁଲଜ ସହ ଅଧିକାରୀମାନଙ୍କର କଳାକାରନାମାର ପେଡିଖୋଲିବା ସହ ଉତ୍ପାତ ଆରମ୍ଭ କରିଥିଲା ।ଏହିଘଟଣାପରେ ଭୟରେ ନିଜନିଜ କାର୍ଯ୍ୟାଳୟରୁ ଅଧିକାରୀମାନଙ୍କଠାରୁ ଆରମ୍ଭ କରି କାର୍ଯ୍ୟାଳୟରେ ଥିବା ତଳ କର୍ମଚାରୀମାନଙ୍କ ପର୍ଯ୍ୟନ୍ତ କେହି ଆଉ ବାହାରିନଥିବାର ଜଣାପଡିଥିଲା ।ତେବେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଁଚିବାବେଳକୁ ଉତ୍ପାତକାରୀ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଯୁବକଜଣଙ୍କ ଉତ୍ପାତ ସମୟର ସିସିକ୍ୟାମେରାରେ କଏଦ ହୋଇଥିବା ଫୁଟେଜକୁ ସଂଗ୍ରହକରି ପୋଲିସ ଫେରିବା ସହ ତଦନ୍ତ ଆରମ୍ଭ କରିଥିବାର ଜଣାପଡିଛି । ଉତ୍ପାତକାରୀ ଯୁବକ ଜଣଙ୍କ ସହ କିଛି ରେଞ୍ଜର ଓ ଅନ୍ୟାନ୍ୟ ଅଧିକାରୀମାନଙ୍କର ଭଲଭାବରେ ମିଳାମିଶା ଥିବାର ଆଲୋଚନା ହେଉଥିବା ବେଳେ ଏକ ସଙ୍ଗରେ ମାଦକ ଦବ୍ୟ ସେବନ କରୁଥିବା ଚର୍ଚ୍ଚା ଜୋର ଧରିଛି ।ଅନ୍ୟପଟେ ବିଶ୍ୱସ୍ତରୀୟ ଚିଡିଆଖାନାପାଇଁ କିଛି ଅଧିକାରୀମାନେ ତାଙ୍କୁ ସୁହାଇଲାଭଳି ଓ ଅଂଚଳର ଆଗଧାଡିରେଥିବା କିଛିଲୋକଙ୍କୁ ସନ୍ତୁଷ୍ଟ କଲାଭଳି କର୍ମଚାରୀ ମନଇଛା ରଖୁଥିବାର ଦେଖିବାକୁ ମିଳନ୍ଛି। ଗଣ୍ଡୋଗୋଳର ଏହି କାରଣ ଥାଇପାରେ ବୋଲି ଚର୍ଚ୍ଚା ମଧ ଯୋର ଧରିଛି।




# ବେଳାଭୂମି କୂଳରେ ଜାତୀୟ ରାଜପଥ ସୁରକ୍ଷା
# ୨ଶହ କୋଟି ଖର୍ଚ୍ଚରେ ନିର୍ମାଣ ହେବ ସିନ୍ଥେଟିକ ପ୍ରାଚୀର

କୋଣାର୍କ,(ସବ୍ୟୁ) : କୋଣାର୍କ - ପୁରୀ ଜାତୀୟ ରାଜପଥ ରାସ୍ତାର ସାହୁଖଣତା ଠାରେ ସାମୁଦ୍ରିକ ଜୁଆର ମାଡରେ ନଷ୍ଟଭ୍ରଷ୍ଟ ହୋଇ ରାଜପଥ ପ୍ରତି ବିପଦ ଆଶଙ୍କା ଦେଖା ଦେବା ଘଟଣାରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଖବରକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ତଥା ସାମ୍ବାଦିକ ଭାଗୀରଥୀ ସ୍ୱାଇଁ ଟ୍ୱିଟ ଯୋଗେ ଅଭିଯୋଗ କରିଥିଲେ ।ଅଭିଯୋଗ କରିବାର ୩ଦିନ ମଧ୍ୟରେ ଭୁବନେଶ୍ୱର ସ୍ଥିତ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାମାଜିକ କର୍ମୀ ତଥା ସାମ୍ବାଦିକ ଶ୍ରୀ ସ୍ୱାଇଁଙ୍କୁ ବିଭାଗ ପକ୍ଷରୁ ଏକ ସରକାରୀ ଚିଠିରେ ସିନ୍ଥେଟିକ ପ୍ରାଚୀର ନିର୍ମାଣ ପାଇଁ ୧୯୯୯.୫୧ ଲକ୍ଷ ଟଙ୍କା ବ୍ୟୟରେ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଅବଗତ କରାଇଛନ୍ତି। ଖବରରୁ ପ୍ରକାଶ ଯେ କୋଣାର୍କ - ପୁରୀ ଜାତୀୟ ରାଜପଥ ରାସ୍ତାର ସାହୁଖଣତା ଠାରେ ବିଗତ କିଛି ଦିନ ତଳେ ସାମୁଦ୍ରିକ ଜୁଆର ମାଡରେ ରାଜପଥର ୫୦୦ମିଟର ରୁ ଉର୍ଦ୍ଧ ଜାତୀୟ ରାଜପଥ ରାସ୍ତା ଧୋଇଯାଇଥିଲା। ଏହି ସାମୁଦ୍ରିକ ଜୁଆର ମାଡରୁ ଅସ୍ଥାୟୀ ଭାବେ ସୁରକ୍ଷା ପ୍ରଦାନ କରିବା ପାଇଁ ଜାତୀୟ ରାଜପଥ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟଳୟ ପକ୍ଷରୁ ବହ୍ଲାପୋତି ଓ ବାଲି ବସ୍ତା ପକାଯାଇ ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ କୋଟେସନ ମାଧ୍ୟମରେ ଠିକାଦାରଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଇଥିଲାଛ ମାତ୍ର ଏହି ତରବରିଆ ଭାବରେ କରାଯାଇଥିବାରୁ ଏହା ସାମ୍ପ୍ରତିକ ସମୟରେ ନଷ୍ଟଭ୍ରଷ୍ଟ ହୋଇଛି। ଫଳରେ ପୁନର୍ବାର କୋଣାର୍କ - ପୁରୀ ଜାତୀୟ ରାଜପଥ ରାସ୍ତା ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏହା ଦ୍ୱାରା କୋଣାର୍କ - ପୁରୀ ଜାତୀୟ ରାଜପଥ ରାସ୍ତା ସାମୁଦ୍ରିକ ଜୁଆର ମାଡରେ ନଷ୍ଟଭ୍ରଷ୍ଟ ହୋଇ ଗମନାଗମନ ବ୍ୟାହାତ ହୋଇପାରେ ବୋଲି ପରିବେଶବିତ, ଅଂଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏହି ସମାସ୍ୟାର ସ୍ଥାୟୀ ସମାଧାନ ପାଇଁ ଜାତୀୟ ରାଜପଥ ରାସ୍ତାକୁ ସ୍ଥାୟୀ ଭାବରେ ସୁରକ୍ଷା ପ୍ରଦାନ କରିବା ପାଇଁ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ପକ୍ଷରୁ ସିନ୍ଥେଟିକ ପ୍ରାଚୀର ନିର୍ମାଣ କରିବା ପାଇଁ ଗତ ୨୩ ଏପ୍ରିଲରେ ବିଭିନ୍ନ ଖବରକାଗଜରେ ଏକ ତଥ୍ୟ ଭିତ୍ତିକ ଖବରମାନ ପ୍ରକାଶ ପାଇଥିଲା। ବିଭିନ୍ନ ଖବରକାଗଜ ରେ ପ୍ରକାଶିତ ଖବର ଆଧାରରେ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ତଥା ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟ ମୁଖ୍ୟ ଶାସନ ସଚିବ, ଜାତୀୟ ରାଜପଥ ଉଚ୍ଚ କର୍ତ୍ତୃପକ୍ଷ ଓ ପୁରୀ ଜିଲ୍ଲାପାଳଙ୍କୁ ସମାସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଭୁବନେଶ୍ୱର ସ୍ଥିତ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୧୮୭,ତା ୨୬-୦୪-୨୪ ଯୋଗେ ଏହି କାର୍ଯ୍ୟ ପାଇଁ ବିଭାଗ ୧୯୯୯.୫୧ ଲକ୍ଷ ଟଙ୍କାର ଆର୍ଥିକ ବ୍ୟୟ ଅଟକଳ କରି ବୈଷୟିକ ଓ ଅର୍ଥନୈତିକ ମଂଜରୀ ପାଇବା ପରେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ତଥା ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁ ସରକାରୀ ଚିଠି ଯୋଗେ ଅବଗତ କରାଇଛନ୍ତି ବୋଲି ସେ କରିଛନ୍ତି ।

# ବେଳାମାର୍ଗରେ ସର୍ଫିଙ୍ଗ ପ୍ରଶିକ୍ଷଣ

କୋଣାର୍କ, (ସବ୍ୟୁ) : ସମୁଦ୍ରରେ ଦୁଃସାହସିକ ଜଳକ୍ରୀଡା ସର୍ଫିଙ୍ଗ ପାଇଁ ଖାଲି ବିଦେଶ ନୁହେଁ ଭାରତର ଯୁବବର୍ଗଙ୍କ ଆଗ୍ରହ ବଢ଼ିବାରେ ଲାଗିଛି।ପୁରୀ-କୋଣାର୍କ ବେଳାମାର୍ଗ ରେଞ୍ଜରସ ଆଡ଼ଭେଞ୍ଚରସ୍ ଫାଉଣ୍ଡେସନ ପକ୍ଷରୁ ରାମଚଣ୍ଡୀ ମୁହାଣ ନିକଟ ସ୍ୱର୍ଣ୍ଣାଭ ବେଳାଭୂମି,ଚନ୍ଦ୍ରଭାଗା ନିକଟରେ ସର୍ଫିଙ୍ଗ ପ୍ରଶିକ୍ଷଣ ଦିଆଯାଇଛି। ଏଠାରେ ପ୍ରାୟ ୩ଶହ ତାଲିମ ନେଇ ସାରିଲେଣି। ଭାରତର ବିଭିନ୍ନ ରାଜ୍ୟ ସହିତ ଜାପାନ, ଅଷ୍ଟ୍ରେଲିଆ, ଜର୍ମାନୀ, ସ୍କଟଲାଣ୍ଡ, ଇଂଲଣ୍ଡ ଆଦି ଦେଶରୁ ୮୦ ଜଣ ପ୍ରଶିକ୍ଷଣ ନେଇ ଫେରିଛନ୍ତି। ପ୍ରଥମେ କୁଶଭଦ୍ରା ନଦୀର ସ୍ଥିର ଜଳରାଶିରେ ଓ ପରେ ସମୁଦ୍ର ମଧ୍ୟରେ ପ୍ରଶିକ୍ଷଣ ଦିଆଯାଉଛିଛ ସର୍ଫିଙ୍ଗ ପାଇଁ ଉତ୍କୃଷ୍ଟ ସମୟ ହେଉଛି ସକାଳ ୬ରୁ୭ଟା। ପବନ କମ ରହିବା ଦରକାରଛ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସର୍ଫିଙ୍ଗ ସହିତ ସ୍ୱର୍ଣ୍ଣାଭ ବେଳାଭୂମିରେ ଜଳକ୍ରୀଡା, ସାଇକେଲ ଚାଳନାଓ ଯୋଗ ଭିତିକ କାର୍ଯ୍ୟକ୍ରମ ରହିଛି। ଏଠାରେ ଦେଶ ବିଦେଶର ଶତାଧିକ ତାଲିମ ନେଇ ସାରିଲେଣିଛ ଓଡିଶା ପର୍ଯ୍ୟଟନକୁ ଆଗକୁ ନେବାକୁ ସର୍ଫିଙ୍ଗ ଏକ ଭଲ ମାଧ୍ୟମଛ ଏଠାକାର ସମୁଦ୍ର କୂଳ ଓ ଜଳ ସର୍ଫିଙ୍ଗ ପାଇଁ ବେଶ ଉପଯୋଗୀ। ଏବେ ଭାରତୀୟ ଯୁବବର୍ଗଙ୍କ ଆଗ୍ରହ ବଢୁଥିବା କୁହନ୍ତି ରେଞ୍ଜର୍ସର ପ୍ରତିଷ୍ଠାତା ସଞ୍ଜୟ ସାମନ୍ତରାୟ।



# ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ

ନିମାପଡା,(ସବ୍ୟୁ) : ସୋମବାର ଅବକାରୀ ବିଭାଗ ପକ୍ଷରୁ ଜଣେ ବ୍ୟକ୍ତି ଠାରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି । ପୁରୀ ଅବକାରୀ ଅଧିକ୍ଷକ ଜଗଦୀଶ ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ ସବ୍-ରେଜିଷ୍ଟ୍ରାର ଅଫିସ ନିକଟରୁ ରମେଶ ଚନ୍ଦ୍ର ରାଉତ(୬୦) ନାମ ବ୍ୟକ୍ତି ଠାରୁ ୧୦୯ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଥିଲେ । ଜବତ ବ୍ରାଉନସୁଗାର ମୂଲ୍ୟ ୧୦ ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଗିରଫ ରମେଶ ବିରୋଧରେ ଅବକାରୀ ଥାନା କେଶ ନଂ ୧୨/୨୪-୨୫ ରେ ଏକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି । କୋର୍ଟରେ ଜାମିନ ନାମମଞ୍ଜୁର ହେବାରୁ ରମେଶଙ୍କୁ ନିମାପଡା ଉପକାରାଗାରକୁ ପଠାଇ ଦିଆଯାଇଛି । ଏହି ଚଢାଉରେ ଅବକାରୀ ଏଏସ୍ଆଇ ଜିତେନ୍ଦ୍ର କୁମାର ବେହେରା,କର୍ମଚାରୀ ତପନ କୁମାର ପ୍ରଧାନ,ଶେଖ୍ ୱାରିସ,ସ୍ୱାଗତିକା ଘଡେଇ,ଶରତ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ବୋମା ମାଡ଼ : ଜଣେ ଆହତ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନରଣଗଡ ଗ୍ରାମରେ ରବିବାର ଦିନ ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ । ପରେ ବୋମା ମାଡ଼ରେ ଜଣେ ଆହତ ହୋଇଥିବା ବେଳେ ଦୋକାନ କ୍ଷୟକ୍ଷତି। ସୂଚନାଯୋଗ୍ୟ କି ମଳିପଡା ବୁଦ୍ଧିଆ ରାଉତରାୟ ଆଉ କିଛି ଲୋକ ନରଣଗଡକୁ ଏକ ନିର୍ବନ୍ଧ କାର୍ଯ୍ୟ ରେ ଯୋଗ ଦେବାକୁ ଯାଇଥିଲେ। ସେଠାରେ ସେମାନେ ରାଜ ବଡ଼ଜେନାଙ୍କ ଦୋକାନ ନିକଟରେ ନିଜ ନିଜ ମଧ୍ୟରେ ପାଟିତୁଣ୍ଡ ହେଉଥିବାବେଳେ ଏହାକୁ ରାଜ ବଡ଼ଜେନା ନାପସନ୍ଦ କରି ଏମିତି ଗହଳି ନ କରିବାକୁ ବାରଣ କରିଥିଲେ। ଫଳରେ ଉଭୟ ଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ପରେ ରାତି ୮ ଟାରେ ରାଜ ବଡ଼ଜେନାଙ୍କ ଦୋକାନ ନିକଟରେ ବୋମା ମାଡ଼ ହୋଇଥିବା ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଏହି ବୋମା ମାଡ଼ରେ ରାଜ ବଡ଼ଜେନା ସାମାନ୍ୟ ଆହତ ହୋଇଥିବା ହୋଇଥିବା ବେଳେ ଦୋକାନ କିଛି ଅଂଶ ରେ କ୍ଷୟକ୍ଷତି ହୋଇ ଥିବା ସୂଚନାରୁ ଜଣାପଡିଛି।ଏ ବିଷୟରେ ଜଂକିଆ ଥାନା ଆଇଆଇସି ଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ଯୋଗାଯୋଗ ସମ୍ଭବ ହୋଇଆଁ ପାରିନାହିଁ ।

# ବିଦ୍ୟାଳୟକୁ ରାସ୍ତା ନିର୍ମାଣ ଦାବି

ଖଣ୍ଡପଡା,(ସବ୍ୟୁ) : ଖଣ୍ଡପଡାରୁ ବାହାଡା ଚକକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାଠାରୁ ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷାକେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ନିମନ୍ତେ ଖଣ୍ଡପଡାଏନଏସି କର୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଦିର୍ଘ ବର୍ଷ ଧରି ମାଟି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ଶିକ୍ଷାକେନ୍ଦ୍ରକୁ ଯିବାଆସିବା କରୁଛନ୍ତି । ବିଶେଷ କରି ବର୍ଷା ଋତୁରେ ଉକ୍ତରାସ୍ତାଟି କାଦୁଅ ପଙ୍କରେ ଭର୍ତୀ ହୋଇ ପଡୁଥିବାରୁ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି । ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ଠାରୁ ଶିକ୍ଷାକେନ୍ଦ୍ର ଦେଇ ନିକଟସ୍ଥ ନୂଆ ଠଁଲାସାହି ଓ ନୂଆସାହାସପୁର ଗ୍ରାମକୁ ଉକ୍ତ ରାସ୍ତାଟି ମଧ ସଂଯୋଗ କରୁଛି । ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦର ୧୩ନଂୱାର୍ଡ ଅଧିନରେ ଥିବା ଉକ୍ତ ୨ଟି ଗ୍ରାମର ବାସିନ୍ଦା ରାସ୍ତା ନିର୍ମାଣ ହେଲେ ବେଶ ଉପକୃତହୋଇପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି । ଏଥିପ୍ରତି ଖଣ୍ଡପଡା ଏନଏସି ଅଧକ୍ଷା,କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଚିଲିକା ବିଜେଡ଼ିର ସାଙ୍ଗଠନିକ ବୈଠକ



ବାଲୁଗାଁ, (ସବ୍ୟୁ): ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସଂଗେ ସଂଗେ ଚିଲିକା ନିର୍ବାଚନ ମଣ୍ଡଳୀ ବିଜେଡ଼ି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁଙ୍କ ବଳିଷ୍ଠ ନେତୃତ୍ୱକୁ ସମର୍ଥନ ଜଣାଇ ଚିଲିକାର ବିଭିନ୍ନ ପଞ୍ଚାୟତରେ ମାରାଥନ ମିଶ୍ରଣ ପର୍ବ ଜାରି ରହିଛି । ଭାଜପାର ବହୁ ତୁଙ୍ଗ ନେତୃବୃନ୍ଦ ଏହି ମିଶ୍ରଣ ପର୍ବରେ ସାମିଲ ହେଉଥିବା ଦେଖିବାକୁ ମିଳିଛି । ଏଥିସହ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରିବା ସହ ବିଜେଡ଼ି ପ୍ରାର୍ଥୀ ରଘୁନାଥ ସାହୁଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟ କରିବା ପାଇଁ ଆୟୋଜିତ ସାଙ୍ଗଠନିକ ବୈଠକରେ କର୍ମୀମାନେ ସଂକଳ୍ପବଦ୍ଧ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ରବିବାର ଚିଲିକା ବ୍ଲକ୍ ନଈରୀ ଗ୍ରାମପଞ୍ଚାୟତରେ ବିଜେଡ଼ି ପ୍ରାର୍ଥୀ ରଘୁନାଥ ସାହୁଙ୍କୁ ସମର୍ଥନ ଜଣାଇ ଶତାଧିକ ସଂଖ୍ୟାରେ ଭାଜପା କର୍ମୀ ତଥା ୱାର୍ଡ଼ ମେମ୍ବର, ସରପଞ୍ଚ ପ୍ରତିନିଧି, ସମିତି ସଭ୍ୟ ପ୍ରତିନିଧି, ପୂର୍ବତନ ସମିତି ସଭ୍ୟ ବିଜେଡ଼ିରେ ଯୋଗ ଦେଇଥିଲେ । ଭାଜପା ପୁର୍ବତନ ନାଏବ ସରପଞ୍ଚ ମୁନା ବେହେରା, ୱାର୍ଡ଼ ମେମ୍ବର ଶିବ ନାରାୟଣ ବେହେରା ଏବଂ ଅଶୋକ ସାହୁ ପ୍ରମୁଖ ପ୍ରତିନିଧି ବୃନ୍ଦଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ଦଳରେ ସାମିଲ କରାଯାଇଥିଲା । ସେହିପରି ସୋରଣ ପଞ୍ଚାୟତରେ ମଧ୍ୟ ଅନୁରୂପ ଭାବେ ଭାଜପାର ସମିତି ସଭ୍ୟା ସସ୍ମିତା ବେହେରା, ପୂର୍ବତନ ଜିଲ୍ଲା ପରିଷଦ କୁବେର ଚନ୍ଦ୍ର ବେହେରା ଏବଂ ୱାର୍ଡ଼ ମେମ୍ବର ଶତାଧିକ ସଂଖ୍ୟାରେ ବିଧିବଦ୍ଧ ଭାବେ ବିଜେଡ଼ିରେ ସାମିଲ ହୋଇଛନ୍ତି । ସୋମବାର ବାଣପୁର ବ୍ଲକ୍ ଅଧିନସ୍ଥ ନିଳାଦ୍ରୀ ପ୍ରସାଦ ପଞ୍ଚାୟତର ବହୁ ଭାଜପା କର୍ମୀ ବିଜେଡ଼ି ରେ ସାମିଲ ହୋଇଥିବା ବେଳେ, ସେମାନଙ୍କ ଦଳୀୟ ଉତ୍ତରୀୟ ପ୍ରଦାନ ସ୍ୱରୁପ ସମ୍ବର୍ଦ୍ଧିତ କରାଯାଇଥିଲ । ସେହିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୧,୨,୪ ଏବଂ ୮ ନଂ ୱାର୍ଡ଼ ସ୍ତରୀୟ କର୍ମୀ ସମ୍ମିଳନୀରେ ରଘୁନାଥ ସାହୁ ଯୋଗଦେଇ ସଂଗଠନକୁ ମଜବୁତ କରିବା ସହ ଦଳ କିପରି ବିପୁଳ ଭୋଟ ପାଇ ବିଜୟ ଲାଭ କରିବ ସେ ନେଇ ଆଲୋଚନା ହୋଇଥିଲା । ଅନୁରୂପ ଭାବେ ବିଷ୍ଣୁଡିହ ଏବଂ ଆଙ୍କୁଲା ପଞ୍ଚାୟତରେ ମଧ୍ୟ ରଘୁନାଥ ସାହୁଙ୍କ ନେତୃତ୍ୱରେ ଅଞ୍ଚଳର ଛାମୁଆ ନେତା ଓ କର୍ମୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

# କଂଗ୍ରେସର ପ୍ରାର୍ଥୀ ଚୟନକୁ ନେଇ ପୁଣି ଅସନ୍ତୋଷ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ଚୟନକୁ ନେଇ ବାରମ୍ବାର ଅସନ୍ତୋଷର ସ୍ୱର ଉଠିବା ସହ କୁଶ ପୁତଳିକା ଦାହ କରିଛନ୍ତି କଂଗ୍ରେସ କର୍ମୀମାନେ ।ସୋମବାର ସନ୍ଧ୍ୟାରେ କଂଗ୍ରେସ କର୍ମୀମାନେ ସ୍ଥାନୀୟ ରଥଗଡା ଛକରେ ରାଜ୍ୟ ସଭାପତି ଶରତପଟ୍ଟନାୟକ, କଂଗ୍ରେସ ବିଧାୟକ ପ୍ରାର୍ଥିନୀ ବୈଜୟନ୍ତୀମାଳା ମହାନ୍ତି ଓ ଜିଲ୍ଲା ସଭାପତି ରଣଜିତଦାଶଙ୍କ କୁଶ ପୁତଳିକା ଦାହ କରିବା ସହ ଟିକେଟ ବିକ୍ରି ଭଳି ସଂଗିନ ଅଭିଯୋଗ ଉଠାଇଛନ୍ତି ।ବ୍ଲକ କଂଗ୍ରେସ ସଭାପତି ଇଂ ଦେବବ୍ରତ ବେହେରା, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଦିଲ୍ଲୀପ ଖୁଂଟିଆଙ୍କ ସହ କଂଗ୍ରେସ କର୍ମୀମାନେ ବୈଜୟନ୍ତୀ ହଟାଅ ନାରା ଦେବା ସହ ହାଇକମାଣ୍ଡଙ୍କ ଉପରେବର୍ଷିଥିଲେ । ଗତ ୪ବର୍ଷରୁ ଉର୍ଦ୍ଧ ସମୟ ଧରି କଂଗ୍ରେସ ସଙ୍ଗଠନକୁ ସମ୍ଭାଳିଥିବା ନେତାଙ୍କ ପରିବର୍ତ୍ତେ କଂଗ୍ରେସ ସଂଗଠନରେ ସକ୍ରୀୟ ନଥିବା ନେତା ଓ ନେତ୍ରୀଙ୍କୁ ଟିକେଟ ଦିଆଯିବା ସନ୍ଦେହ ପରିସରକୁଆସୁଛି ବୋଲି ଶ୍ରୀ ବେହେରା ଓ ସମର୍ଥକମାନେ ଅଭିଯୋଗ ଉଠାଇ ନାରାବାଜି କରିଥିଲେ।ଖଣ୍ଡପଡ଼ା ବ୍ଲକ ଅଧିନ ବିଭିନ୍ନ ପଂଚାୟତରୁ ଦଳୀୟକର୍ମୀ ମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଥାନାରେ ଗିରି ଗୋବର୍ଦ୍ଧନ ପୂଜା

ନିମାପଡା,(ସବ୍ୟୁ) : ପ୍ରତିବର୍ଷ ଭଳି ଚଳିତ ବର୍ଷ ନିମାପଡା ଥାନାରେ ଗିରି ଗୋବର୍ଦ୍ଧନ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଚୈତ୍ର ପୂର୍ଣ୍ଣିମା ପରେ ବୈଶାଖ ଦ୍ୱିତୀୟାରେ ଗୋବର୍ଦ୍ଧନା ପୂଜା ବା ଗୋଧନ ବାହୁଡା ଉତ୍ସବ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଶ୍ରୀ ମଦନ ମୋହନ ଏବଂ ରାଧାକୃଷ୍ଣ ଦୁଇଟି ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରି ବାଟରେ ଚାଟେରୀ ପଣା ଭୋଗ ଆଘ୍ରାଣ କରି ସଂଧ୍ୟାରେ ନିକଟସ୍ଥ ପ୍ରହରାଜ ସାହି ନିକଟସ୍ଥ କୁଶଭଦ୍ରା ତଟରେ ବିରାଜ ମାନ କରିଥାନ୍ତି । ଠାକୁରଙ୍କ ବିମାନ ଆଗରେ ମାନସିକ ଧାରୀ ରାସ ପିଲାମାନେ ପ୍ରଭୁ ରାଧାକୃଷ୍ଣ,ସଖୀ ଏବଂ ସୁଦାମା ବେଶରେ ନଗର ପରିକ୍ରମା କରିଥାନ୍ତି । ନଦୀରେ ସୂର୍ଯ୍ୟପୂଜା ଶେଷ ହେବା ପରେ ଏକ ବିରାଟ ପଟୁଆରରେ ଠାକୁର ନିମାପଡା ଥାନା ଗୋଧନ ବାହୁଡା ପଡିଆକୁ ଆସିଥାନ୍ତି । ଥାନା ସମ୍ମୁଖରେ ଥିବା ଗୋଧନ ବାହୁଡା ମନ୍ଦିର ପରିସରରେ ଅନୁଷ୍ଠିତ ପୂଜା ଓ କର୍ମରେ ଥାନା ଆଇଆଇସି ବାମଦେବ ସ୍ୱାଇଁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଆୟୋଜିତ ଉତ୍ସବରେ ପୁରୀ ଜିଲ୍ଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ନିମାପଡା ଏସ୍‌ଡିପିଓ ପ୍ରଭାକର ମଲ୍ଲିକ ପ୍ରମୁଖ ଉପସ୍ଥିତଥିଲେ । ଆଖପାଖ ଅଂଚଳରେ ଥିବା ଥାନା ଓ ଫାଣ୍ଡିର ଅଧିକାରୀ,କର୍ମଚାରୀ ,ଶିକ୍ଷାବିତ,ଗଣମାଧ୍ୟମ ପ୍ରତିନିଧି,ରାଜନେତା,ବରିଷ୍ଠ ନାଗରିକଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଆସି ଗୋଧନ ବାହୁଡା ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗୋଧନ ବାହୁଡା ଉତ୍ସବ ମାଧ୍ୟରେ ପୁଲିସ ଓ ଜନତାଙ୍କ ମଧ୍ୟରେ ସୁ-ସଂପର୍କ ସ୍ଥାପନ ହୋଇ ରହିଥାଏ ବୋଲି କୁହାଯାଏ । ସଂଧ୍ୟାରେ ଥାନା ପରିସରରେ ଜନସାଧାରଣଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା ହିତ ମନୋରଂଜନ ପାଇଁ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ବନ୍ଧୁମିଳନ ଅବସରରେ ଗୁରୁପୂଜା



ଡେଲାଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅଧିନ ଅଭୟମୁଖୀ ରାମଚନ୍ଦ୍ରପୁରସ୍ଥିତ ସର୍ବପଲ୍ଲୀ ବିଦ୍ୟାପୀଠର ୧୯୯୨ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ବରାଳଙ୍କ ସଭାପତିତ୍ୱରେ ସନ୍ନିକଟ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭାର ଅୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ବିଦ୍ୟାଳୟର ପୂରାତନ ଶିକ୍ଷକ ମାନଙ୍କୁ ନିମନ୍ତ୍ରଣ କରାଯିବା ସହିତ ଗୁରୁପୂଜନ, ଗୁରୁବନ୍ଦନ, ମାଲ୍ୟାର୍ପଣ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ଜେନା, ବିଚିତ୍ରାନନ୍ଦ ଲେଙ୍କା, ଗୋଦାବରିଶ ଗୁମାନସିଂହ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗଦାଧର ପଣ୍ଡା, ମୁରଲୀଧର ମଙ୍ଗରାଜ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ ନିମନ୍ତେ ଆଗକାଳରେ ସେମାନେ କରିଥିବା ଅକ୍ଲାନ୍ତ ପରିଶ୍ରମ ଓ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷକ ମାନଙ୍କ ପ୍ରତି ଥିବା ଗୁରୁଭକ୍ତି ବିଷୟରେ ଆଲୋକପାତ କରିଥିଲେ। ସେହିପରି ପୂର୍ବତନ ଛାତ୍ରଛାତ୍ରୀମାନେ ତାଙ୍କ ସମୟରେ ଶିକ୍ଷାଦାନ କରୁଥିବା କିଛି ଦିବଙ୍ଗତ ଶିକ୍ଷକମାନଙ୍କର ସ୍ମୃତିଚାରଣ କରିଥିବା ବେଳେ ତାଙ୍କର ଅମର ଅତ୍ମାର ସଦଗତି ନିମନ୍ତେ ପ୍ରଭୁ ନୀଳକଣ୍ଠେଶ୍ୱର ଦେବଙ୍କୁ ଗୁହାରୀ ଜଣାଇଥିଲେ। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜଗନ୍ନାଥ ଜେନା, ରାମଚନ୍ଦ୍ର ସେନାପତି, ସୁସାନ୍ତ ସ୍ୱାଇଁ, ପ୍ରମୋଦିନୀ ସ୍ୱାଇଁ, ମମତା ରଥ, ପଦ୍ମିନୀ ନାୟକ, ସରୋଜ ପରିଡା, ଦିନେଶ ମାର୍ଥା, ଦୁଷ୍ମନ୍ତ ପ୍ରଧାନ, ପରିକ୍ଷିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶେଷ ହେଲା ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ନବଦିନାତ୍ମକ ଯାତ୍ର ମହୋତ୍ସବ

ନୟାଗଡ଼, (ସବ୍ୟୁ): ରାଜ୍ୟ ପ୍ରସିଦ୍ଧ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବ ଶେଷ ହୋଇଛି। ପାରଂପରିକ ରୀତି ନୀତି ଓ ପୂଜା ପାର୍ବଣ ମଧ୍ୟରେ ଶ୍ରୀରଘୁନାଥ ଜୀଉଙ୍କନବଦିନାତ୍ମକ ଯାତ୍ରା ମହୋତ୍ସବ ସୋମାବାର ସନ୍ଧ୍ୟାରେ ସମାପନ ହୋଇଛି। ଶ୍ରୀଜୀଉଙ୍କ ନବଦିନାତ୍ମକ ଯାତ୍ରା ଦେଖିବାକୁ ଓଡ଼ଗାଁ ରେ ଶ୍ରଦ୍ଧାଳୁଙ୍କ ସମାଗମ ମହୋତ୍ସବର ବାତାବରଣ ସୃଷ୍ଟି କରିଥିଲା।

ଶ୍ରୀରାମ ଭଗବାନଙ୍କ ଅବତାର ର ସମସ୍ତ ଲୀଳା ଖେଳା ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀଯାତ୍ରା ମହୋତ୍ସବରେ ପ୍ରଦର୍ଶିତ ହୋଇଛି। ଶ୍ରୀଜୀଉଙ୍କ ଯାତ୍ରା ମହୋତ୍ସବ ପ୍ରାରମ୍ଭରୁ ଜନ୍ମନାରାୟଣ ବେଶ,ତାଡ଼କା ବଧ, ଅହଲ୍ୟା ଉଦ୍ଧାରଣ, ଗଙ୍ଗାପାର, ଧନୁଭଗ୍ନ ଓ ସୀତାବିବାହ ମନୋହର ବେଶ ଅନୁଷ୍ଠିତ ହୋଇଥିଲା।ବନବାସ ଯାତ୍ରା ସୋପାନରେ ଚିତ୍ରକୁଟ ଆରୋହଣ, ଅଷ୍ଟାବଧାନ, ଯୁଦ୍ଧଯାତ୍ରା, ଅଭିଷେକ ଓ ପାଣିଖେଳ ମଧ୍ୟରେ ଚଳିତ ବର୍ଷର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ଶ୍ରୀଜୀଉଙ୍କ ଏହି ସ୍ୱତନ୍ତ୍ର ଯାତ୍ରା ମହୋତ୍ସବ ଅବସରରେ ପ୍ରତ୍ୟେହ ସନ୍ଧ୍ୟାର ଅନୁଷ୍ଠିତ ଦୁର୍ଲ୍ଲଭ ବେଶ ଓ ଲୀଳା ଦେଖିବାକୁଓଡ଼ଗାଁ ରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥିଲା। ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ କରି ଶ୍ରଦ୍ଧାଳୁ ନିଜକୁ ଧନ୍ୟ ମଣିଛନ୍ତି।ରବିବାର ସନ୍ଧ୍ୟାରେ ରାବଣ ବଦ୍ଧ ଓ ଦେବୀ ସୀତା ମାତାଙ୍କୁ ଉଦ୍ଧାର ଲୀଳା ଅନୁଷ୍ଠିତ ହୋଇଥିଲା। ସୋମବାରଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ନୀତି ଓ ପାଣିଖେଳ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀଜୀଉଙ୍କ ଚଳନ୍ତିପ୍ରତିମା ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ସ୍ଥାନୀୟ ରାମସାଗର ମଧ୍ୟାରେ ବିଗ୍ରହଙ୍କ ନୌକା ଯାତ୍ରାରେ ରଙ୍ଗ ବେରଙ୍ଗର ଜଳ ସ୍ନାନ କରାଯାଇ ଥିଲା। ଶ୍ରୀଜୀଉଙ୍କ ଯାତ୍ରା ସମାପ୍ତ ଉତ୍ସବରେ ପୂଜାପଣ୍ଡା ଓ ସେବାୟତମାନେ ସାମିଲ ହୋଇ ଆନନ୍ଦ ର ସହ ପରସ୍ପର କୁ ରଙ୍ଗ ପାଣି ପକାଇ ଖୁସୀ ମନାଇଥିଲେ। ଏହି କ୍ରମରେ ସୋମାବାର ସନ୍ଧ୍ୟାରେ ପାରଂପରିକ ପାଣି ଖେଳ ମଧ୍ୟରେ ଚଳିତ ବର୍ଷ ର ଶ୍ରୀଜୀଉଙ୍କ ଜନ୍ମଯାତ୍ରା ମହୋତ୍ସବ ସମ୍ପନ୍ନହୋଇଛି। ମଙ୍ଗଳବାର ଠାରୁ ଶ୍ରୀଜୀଉଙ୍କ ପାରଂପରିକ ମନ୍ଦିର ନୀତି ଓ ସେବା ପୂଜା ଅନୁଷ୍ଠିତ ହେବ। ଚଳିତବର୍ଷ ସୂଚାରୁ ରୁପେ ଶ୍ରୀରଘୁନାଥ ଜୀଉଙ୍କ ଜନ୍ମ ମହୋତ୍ସବ ଯାତ୍ରା ସମ୍ପନ୍ନ ହୋଇଛି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସହିତ ଶ୍ରୀଜୀଉଙ୍କ କୃପାରୁ ସମସ୍ତ ଆୟୋଜନ ଶନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ମନ୍ଦିର ନିରୀକ୍ଷକ ଜିତେନ୍ଦ୍ର କୁମାର ମିଶ୍ର ପ୍ରକାଶ କରିଛନ୍ତି।



# ଢ଼ସଂରରେ ଥଣ୍ଡା ପାନୀୟ ଜଳ ଯୋଗାଣ ଉଦ୍‌ଘାଟିତ

ବାଙ୍କୀ , (ସବ୍ୟୁ) :ବାଙ୍କୀ ସଧାରଣ ଲୋକଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ନେଇ ବାଙ୍କୀ ର ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ କୁମାର ପଟ୍ଟନାୟକଙ୍କ ସୁପୁତ୍ର ଓ ଧର୍ମ ପତ୍ନୀ ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ବାଙ୍କୀ ଡମପଡ଼ା ବ୍ଲକ୍ ଢ଼ସଂର ଗ୍ରାମର ମୁଖ୍ୟ ଛକବସ ରହଣୀ ସ୍ଥାନ ନିକଟରେ ନିଜସ୍ ଉଦ୍ୟମ ରେ ଖର୍ଚ୍ଚ କରି ସ୍ୱର୍ଗତ ଅକ୍ଷୟ ପଟ୍ଟନାୟକ ଙ୍କ ପୁତ୍ର ଅଭିନାଶ ପଟ୍ଟନାୟକ ଓଧର୍ମ ପତ୍ନୀ ପୁଷ୍ପାଞ୍ଜଳି ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି ଅକ୍ଷୟ ଝର ବିଶୁଧ ପାଣି ଯୋଗାଣ । ଢ଼ସଂର ସବୁଜ ବାହିନୀର ସହଯୋଗ ରେ ଆରମ୍ଭ ହୋଇଥିଲ।।ପ୍ରଥମେ ମାଆ ବେଲାବଳିଙ୍କ କାଳେଶି ପୂଜାର୍ଚ୍ଚନା କରିବା ପରେ ଫିତା କାଟି ଶୁଭାରମ୍ଭକରିଥିଲେ । ପରେ ଗ୍ରାମବାସୀ ମାନେ ବିଶୁଦ୍ଧ ପାନୀୟ ଜଳ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇଛନ୍ତ। ନିର୍ବାଚନ ସମୟ ରେ ପୂର୍ବତନବିଧାୟକ ଅକ୍ଷୟ କୁମାର ପଟ୍ଟନାୟକଙ୍କ ଦାୟଦ ବାଙ୍କୀ ଆସି ନିଜ ଗାଆଁ ମାଟିରେ ଲୋକଙ୍କ ସହିତ ମିଶିବା ରାଜନୈତିକ ମହଲ ରେ ଚର୍ଚ୍ଚା ଜୋର ଧରିଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩ ଯାଏ...

ତାପମାତ୍ରା ରେକର୍ଡ ହୋଇଛି । ରାଜ୍ୟରେ ଭୀଷଣ ତାତି ଆଉ ଦୁଇଦିନ ଅନୁଭୂତ ହେବ । ତେବେ ୩ ତାରିଖ ପୂର୍ବରୁ ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ମିଳିବନି । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ । ବାରିପଦାରେ ସର୍ବାଧିକ ତାପମାତ୍ରା ୪୪.୮ ଡିଗ୍ରୀ ହୋଇଥିବା ବେଳେ ଅନୁଗୁଳରେ ୪୪.୩ଡିଗ୍ରୀ, ବୌଦ୍ଧରେ ୪୪.୧ ଡିଗ୍ରୀ, ତାଳଚେର ଓ ଭବାନୀପାଟଣାରେ ୪୪ ଡିଗ୍ରୀ, ଟିଟିଲାଗଡ଼ରେ ୪୩.୫ ଡିଗ୍ରୀ, ଢେଙ୍କାନାଳରେ ୪୩.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଟ୍ୱିନସିଟି ଅର୍ଥାତ କଟକରେ ତାପମାତ୍ରା ୪୨.୫ ଡିଗ୍ରୀ ଓ ଭୁବନେଶ୍ୱରର ତାପମାତ୍ରା ୪୧.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।

ଆସନ୍ତାକାଲି(ମଙ୍ଗଳବାର) ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ବୌଦ୍ଧ, ଅନୁଗୁଳ ଓ କଟକରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହୋଇପାରେ । ସେଥିପାଇଁ ଏସବୁ ଜିଲ୍ଲାଗୁଡ଼ିକ ପାଇଁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ମେ ୧ ତାରିଖ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ସମ୍ଭାବନା କମ୍ । ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳ ଜାରି ରହିବ । ମେ ୨ରୁ ୪ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ରହିବ ସାମୁଦ୍ରିକ ଝଡ଼ର ପ୍ରଭାବ । ଯାହା ପ୍ରଭାବରେ ଉପକୂଳରେ ତାପମାତ୍ରା ୨ରୁ ୩ ଡିଗ୍ରୀ ଖସିବା ସହ ଆର୍ଦ୍ରତା ପ୍ରଭାବରେ ଲାଗି ରହିବ ଗୁଳୁଗୁଳି । ମାତ୍ର ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନ । ସାମୁଦ୍ରିକ ଝଡ଼ର ପ୍ରଭାବ ହେଲେ ବି ରାଜ୍ୟରେ ଉଷ୍ମ ଦିନ ଅନୁଭୂତ ହେବ ।

କୃଷି ଓ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ମଙ୍ଗଳବାର ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା ଓ ଢେଙ୍କାନାଳରେ ୧ରୁ ୨ ଡିଗ୍ରୀ ତାପମାତ୍ରା ବଢ଼ିବ । ଏସବୁ ଜିଲ୍ଲାରେ ଭୀଷଣ ତାତି ଅନୁଭୂତ ହୋଇପାରେ । ମେ ୧ ତାରିଖରେ ଏସବୁ ଜିଲ୍ଲା ସମେତ ଗଞ୍ଜାମ, ନୟାଗଡ଼, ଗଜପତିରେ ତାତି ୧ରୁ ୨ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଅଛି । ମେ ୨ତାରିଖରେ ରାଜ୍ୟରେ କେତେକ ସ୍ଥାନରେ (ଭୁବନେଶ୍ୱର ସମେତ)ତାପମାତ୍ରା କମିପାରେ । ମଙ୍ଗଳବାର ଦକ୍ଷିଣ ଉପକୂଳରେ କିଛି ସ୍ଥାନରେ ବର୍ଷା ବା ମେଘୁଆ ପାଗ ହେତୁ ତାପମାତ୍ରା ବୃଦ୍ଧି ନପାଇପାରେ ।

## ଫେଲ୍...

କ'ଣ କରିବେ ? ମାଲକାନଗିରିରେ ସେ କହିଥିଲେ, ଏଠି ଆପଣଙ୍କ ଜଣେ ବିଧାୟକ ଅଛନ୍ତି । ଯାହାକୁ ଆପଣ ଦେଖିବାକୁ ପାଉ ନାହାନ୍ତ । ଏମିତି ଲୋକ ଆପଣଙ୍କ ଦରକାର, ନା ଆପଣଙ୍କ ସହିତ ଦିନରାତି ରହି ସୁଖଦୁଃଖର ସାଥି ହେବ, ସେ ଲୋକ ଦରକାର । ଆପଣ ନିର୍ଣ୍ଣୟ କରନ୍ତୁ । ପଡୋଶୀ ଛତିଶଗଡର ଉଦାହରଣ ଦେଇ ସେ କହିଲେ, ଦେଖନ୍ତୁ ସେଠାରେ ବାରମ୍ବାର ଡବଲ ଇଞ୍ଜିନ, ସିଙ୍ଗଲ ଇଞ୍ଜିନ ଚାଲିଛି । କିନ୍ତୁ ଶାନ୍ତି ନାହିଁ । ସବୁବେଳେ ବମ୍ ଫୁଟୁଛି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ କଠିନ ପରିଶ୍ରମରେ ମାଲକାନଗିରିରେ ଶାନ୍ତି ଫେରିଛି । ଶାନ୍ତି ଆସିଲେ ପ୍ରଗତି ଓ ଉନ୍ନତି ଆସିବ । ପୁଞ୍ଜି ଆସିବ, ପିଲା ନିଯୁକ୍ତି ପାଇବେ । ମାଲକାନଗିରିର ଏକ ବିଶାଳ ଅଞ୍ଚଳ ଦିନେ କଟ୍‌ଅଫ୍ ଅଞ୍ଚଳ ଭାବେ ପରିଚିତ ଥିଲା । ଏବେ କିନ୍ତୁ ତାର ନୂଆ ପରିଚୟ ହୋଇଛି ସ୍ୱାଭିମାନ ଅଞ୍ଚଳ । ଏଠାରେ ରୂପାନ୍ତର ଆସିଛି, ବିକାଶର ଧାରା ଜୋରଦାର ହୋଇଛି । ବିରୋଧୀ ଆଖି ଖୋଲି ଦେଖନ୍ତୁ, ବିକାଶ କିପରି ହୁଏ । ମାଲକାନଗିରି ହେଉଛି ତା'ର ସାକ୍ଷୀ । ଦିନ ଥିଲା ମାଲକାନଗିରିରେ ସାଇକେଲ ଖଣ୍ଡିଏ ଗଡୁ ନଥିଲା, ଆଜି ଉଡାଜାହାଜ ଉଡୁଛ ।

ମୁଖ୍ୟମନ୍ତ୍ରୀ ତାଙ୍କ ବିଶାଳ ହୃଦୟରେ ଜନଜାତିମାନଙ୍କୁ ସବୁଠାରୁ ବଡ ସ୍ଥାନ ଦେଇଛନ୍ତି । ଜନଜାତି ମାନଙ୍କ ପାଇଁ ସବୁଠାରୁ ଅଧିକ ହଷ୍ଟେଲ ଓଡିଶାରେ ହିଁ ହୋଇଛି । ୫ ଲକ୍ଷରୁ ଅଧିକ ଜନଜାତି ଝିଅମାନେ ପାଠ ପଢି ବାପମାଙ୍କ ସ୍ୱପ୍ନ ପୂରଣ କରୁଛନ୍ତି । ଜନଜାତି ଭାଷା, ସଂସ୍କୃତି, ପୂଜାସ୍ଥଳୀ, ଜାହିରାର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କରିଛନ୍ତି । ମାଲକାନଗିରିକୁ ମୁଖ୍ୟମନ୍ତ୍ରୀ ସବୁଠୁ ବେଶି ଭଲ ପାଆନ୍ତି । ସବୁ ବଡ ବଡ ଯୋଜନା ସେ ମାଲକାନଗିରିରୁ ହିଁ ଆରମ୍ଭ କରିଛନ୍ତି । ଦୁଇ ଟଙ୍କିଆ ଚାଉଳ, ଟଙ୍କିକିଆ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଲକ୍ଷ୍ମୀ ଯୋଜନା – ସବୁକିଛି ମାଲକାନଗିରିରୁ ହିଁ ଆରମ୍ଭ ହୋଇଛି । ଆମ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏ କାମର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ ତାଙ୍କ ନିର୍ଦ୍ଦେଶରେ ମୁଁ ଆଜି ଆପଣଙ୍କୁ ସବୁ କାମର ହିସାବ ଦେଉଛି ।

ଚିତ୍ରକୋଣ୍ଡାରେ ବିକାଶର ଚିତ୍ର ଦେଖାଇ ସେ କହିଥିଲେ, ଚିତ୍ରକୋଣ୍ଡା ଓ କରୋକୁଣ୍ଡା ବ୍ଲକର ୧୮ଟି ପଞ୍ଚାୟତରେ ସେତୁ ଯୋଜନାରେ ୧୦୦ କୋଟି ଟଙ୍କା ବିନିଯୋଗ କରାଯାଇ ଲୋକଙ୍କ ସାମାଜିକ ଓ ଆର୍ଥିକ ରୂପାନ୍ତର କାମ ଚାଲିଛି । ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ୪୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଗୋବିନ୍ଦପାଲୀ ଜଗନ୍ନାଥ ମନ୍ଦିର, ଦାମଲଦେଇ ମନ୍ଦିର, ୧୦ଟି ମହିମା ଆଶ୍ରମ, ଶିବ ମନ୍ଦିର, ମା କାଣିବୁଢୀ ମନ୍ଦିର ଆଦି ସବୁ ମନ୍ଦିରର ଉନ୍ନତିକରଣ ପାଇଁ ୨.୧୦ କୋଟି ଟଙ୍କା, ଆଦିବାସୀ ସମାଜ ଭବନ ପାଇଁ ୫୦ ଲକ୍ଷ, ଚିତ୍ରକୋଣ୍ଡାରେ ୧୦୦ ଶଯ୍ୟାବିଶିଷ୍ଟ ଉପଖଣ୍ଡ ଚିକିତ୍ସାଳୟ ପାଇଁ ୫୦ କୋଟି, ମାଛକୁଣ୍ଡ ଉପରେ ସେତୁ ପାଇଁ ୩୫ କୋଟି, କାଳିଆଗଡ ନଳା ଉପରେ ସେତୁ ପାଇଁ ୧୬ କୋଟି, ମାଥିଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ୫ କୋଟି ୫୦ ଲକ୍ଷ, ହନ୍ତାଳଗୁଡା ପର୍ଯ୍ୟଟନ ପାଇଁ ୭୬ ଲକ୍ଷ, ୨୬ଟି ଗ୍ରାମପଞ୍ଚାୟତରେ ପାଇପ ପାଣି ପାଇଁ ୩୨୦ କୋଟି ଟଙ୍କା ଏବଂ ବଡପଡା ଓ ପେପର ମେଟଲାର ୨୪ଟି ଗାଁରେ ପାଇପ ପାଣି ପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ । ଶେଷରେ ୯୫ ପ୍ରତିଶତ ଭୋଟ କରି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ସେ ଅନୁରୋଧ କରିଥିଲେ । ଯୋଡ଼ି ଶଙ୍ଖରେ ଭୋଟ ଦେଇ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ ଶ୍ରୀ ପାଣ୍ଡିଆନ ।

## ତେଲେଙ୍ଗାନା...

ନେତା ମଧ୍ୟ ଏହାକୁ ସେୟାର କରିଛନ୍ତି । ଭିଡିଓରେ ଦେଖାଦେଉଛି ଯେ ବିଜେପିର ଏଜେଣ୍ଡା ହେଉଛି ଏସ୍‌ସି ଓ ଏସ୍‌ଟିଙ୍କ ପାଇଁ ଥିବା ସଂରକ୍ଷଣକୁ ଉଚ୍ଛେଦ କରିବା । ଏହି ଭିଡିଓକୁ ନେଇ ଦିଲ୍ଲୀ ପୋଲିସରେ ଏକ ମାମଲା ରୁଜୁ ହୋଇଛି । ଏହା ମଧ୍ୟ ସୋସିଆଲ ମିଡିଆରେ ବ୍ୟାପକ ଭାବେ ପ୍ରସାରିତ ହେବାପରେ ବିଜେପି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ କରାଯାଇଥିଲା । ସେଥିରେ ଦେଖାଦେଇଛି ଯେ ସ୍ୱରାଷ୍ଟ୍ର ମନ୍ତ୍ରୀ ମଧ୍ୟ ଏସ୍‌ସି, ଏସ୍‌ଟି ଓ ଓବିସି ପାଇଁ ଥିବା ସଂରକ୍ଷଣକୁ ଉଚ୍ଛେଦ ସମ୍ପର୍କରେ ମତ ଦେଉଛନ୍ତି । ଅଭିଯୋଗ ପାଇବା ପରେ ଦିଲ୍ଲୀ ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି । ବିଜେପି ଅଭିଯୋଗ କରିଛି ଯେ ଏହି ଭିଡିଓଟିକୁ ମୂଳ ଭିଡିଓରୁ ଅଲଗା କରାଯାଇ ପୋଷ୍ଟ କରାଯାଇଛି । ଅମିତ୍ ଶାହାଙ୍କର ରାଜନୈତିକ ରାଲିରେ ମୂଳ ମନ୍ତବ୍ୟ ଠାରୁ ଏହା ଭିନ୍ନ । ଏହା ସମ୍ପୂର୍ଣ୍ଣ ଜାଲ୍ । କଂଗ୍ରେସ ଏହାକୁ ବ୍ୟାପକ ଭାବେ ପ୍ରସାରିତ କରୁଛି । ଅମିତ୍ ଶାହା କେବଳ ମୁସ୍‌ଲିମ୍‌ଙ୍କୁ ସଂରକ୍ଷଣ ଦେବା ଅସମ୍ବିଧାନିକ ବୋଲି କହିଥିଲେ । ଧର୍ମ ଭିତ୍ତିରେ ସଂରକ୍ଷଣକୁ ଦିଆନଯାଉ ବୋଲି ଉଲ୍ଲେଖ କରିଥିଲେ । ମାତ୍ର ଏଥିରେ ଏସ୍‌ସି, ଏସ୍‌ଟି ଓ ଓବିସିଙ୍କ ନାମ ଯୋଡି ଦିଆଯାଇଛି । ବିଜେପି ମୁଖପାତ୍ର ଅମିତ୍ ମାଲଭ୍ୟ କହିଛନ୍ତି ଯେ ଏହି ଜାଲ୍ ଭିଡିଓ କଂଗ୍ରେସ ମୁଖପାତ୍ର ପୋଷ୍ଟ କରିଛନ୍ତି । ରାହୁଲ ଗାନ୍ଧି ଏବେ ଲୋକମାନଙ୍କୁ ଏଭଳି ମନ୍ତବ୍ୟ ଦେଇ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି । ବିଜେପି ୧୦ ବର୍ଷ ହେଲାଣି କ୍ଷମତାରେ ଅଛି । ଆମେ ସଂରକ୍ଷଣକୁ ହଟାଇବା ଉଦ୍ଦେଶ୍ୟରେ ନାହୁଁ ।

## ୯.୬ କୋଟି...

ଗିରଫ କରିଥିଲା । ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ଜେରା କରିବା ପରେ ଆନ୍ତଃରାଜ୍ୟ ଠକେଇ ଗ୍ୟାଙ୍ଗର ବହୁ ରହସ୍ୟ ଜଣାପଡ଼ିଛି ।

ଚେକ୍ ମାଧ୍ୟମରେ ଠକେଇ ଗ୍ୟାଙ୍ଗ ମୟୂରଭଞ୍ଜ ଜିଲ୍ଲା ପରିଷଦର ମିନେରାଲ ଫାଉଣ୍ଡେସନ୍ ଟ୍ରଷ୍ଟ ଓ ଜିଲ୍ଲା ପରିଷଦ ସେଭିଂ ଆକାଉଣ୍ଟ ନାଁରେ ୪ଟି ଜାଲ୍ ଚେକ୍ ପ୍ରୟୋଗ କରିଥିଲା ପୋମେଶ । ଚେକ୍ ପିଟି କନ୍‌ଷ୍ଟ୍ରକ୍‌ସନ୍ ସପ୍ଲାୟର୍ସ ଓ ଏସ୍‌କେ ଏଣ୍ଟରପ୍ରାଇଜର୍ସ ନାଁରେ ହୋଇଥିଲା । ପିଟି କନ୍‌ଷ୍ଟ୍ରକ୍‌ସନ୍ ଆକାଉଣ୍ଟ ମଧ୍ୟପ୍ରଦେଶ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଥିବାବେଳେ ଏସ୍‌କେ ଏଣ୍ଟର ପ୍ରାଇଜର୍ସ ଆକାଉଣ୍ଟ ପଞ୍ଜାବ ସିନ୍ଧ୍ ବ୍ୟାଙ୍କରେ ରହିଛି । ବେଆଇନ ଭାବେ ଏହି ଦୁଇ ଆକାଉଣ୍ଟକୁ ଠକେଇ ହୋଇଥିବା ୯.୬ କୋଟି ଟଙ୍କା ୪ଟି ଚେକ୍ ମାଧ୍ୟମରେ ଯାଇଥିବା ତଦନ୍ତରୁ ଇଓଡବ୍ଲ୍ୟୁ ଜାଣିପାରିଛି ।

ଘଟଣାପରେ ପୋମେଶ ନକ୍ସଲ ଅଧିଶ୍ୟୁତ ବଙ୍ଗାଳୀତୋଳା ଓ ବାଲଘାଟ ଅଞ୍ଚଳରେ ବୁଲାବୁଲି କରିବା ସହ ମୋବାଇଲ ସୁଇଚ୍ ଅଫ୍ କରିଥିଲା ବୋଲି ଇଓଡବ୍ଲ୍ୟୁ କହିଛି । ମୋବାଇଲକୁ ଟ୍ରାକିଂ କରି ଇଓଡବ୍ଲ୍ୟୁ ତଦନ୍ତକାରୀ ଟିମ୍ ସେଠାରେ ପହଞ୍ଚି ପୋମେଶକୁ ଗିରଫ କରିଥିଲା । ସେ ପିଟି କନ୍‌ଷ୍ଟ୍ରକ୍‌ସନ୍ ନେଟ୍‌ୱର୍କର ମୁଖ୍ୟ । ପୋମେଶ ଗ୍ୟାଙ୍ଗ୍ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଠକେଇ ଅପରାଧ ଅପରେଟ୍ କରୁଥିବା ଇଓଡବ୍ଲ୍ୟୁ କହିଛି । ୪ ବର୍ଷ ହେବ ଏହି ଗ୍ୟାଙ୍ଗ୍ ଏହିପରି ଠକେଇ କରିଥିବା ଜଣାପଡ଼ିଛି । ଗ୍ୟାଙ୍ଗ୍‌ର ରହସ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଜାଣିବା ପାଇଁ ତଦନ୍ତ ଜାରି ରହିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି । ସୋମବାର ଅଭିଯୁକ୍ତ ପୋମେଶକୁ କୋର୍ଟରେ ହାଜର କରାଯାଇଛି ।

## ହିଞ୍ଜିଳିରୁ...

ନାମାଙ୍କନ ଦାଖଲ ପରେ ସେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପ୍ରଚାରରେ ଯିବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ପ୍ରଣବ ପ୍ରକାଶ ଦାସ ମଧ୍ୟ ସମ୍ବଲପୁରରୁ ଆସନ୍ତାକାଲି ନାମାଙ୍କନ ଦାଖଲ କରିବେ । ଏକ ବିରାଟ ଶୋଭାଯାତ୍ରାରେ ଯାଇ ସେ ପ୍ରାର୍ଥିପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଣବଙ୍କ ବିରୋଧରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଂଗ୍ରେସରୁ ନଗେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି । ଆସନ୍ତାକାଲି ମଧ୍ୟ ଆଉକିଛି ହେଭିୱେଟ୍ ନେତା ପ୍ରାର୍ଥିପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି ।

## ସାଂସଦ...

ଲଢୁଥିବା ଅନ୍ୟ ୩ ପ୍ରାର୍ଥୀ ମଧ୍ୟ ସେମାନଙ୍କ ନାମାଙ୍କନକୁ ପ୍ରତ୍ୟାହାର କରିନେଇଛନ୍ତି । ଜିଲ୍ଲାପାଳ ଆଶିସ୍ ସିଂଙ୍କ ସୂଚନା ଅନୁଯାୟୀ କାଶ୍ୟବାମ୍ ଜିଲ୍ଲାପାଳ ଅଫିସ ଆସିଥିଲେ ଓ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ କହିଥିଲେ । କଂଗ୍ରେସ ପକ୍ଷରୁ ଏହି ୪୫ ବର୍ଷୀୟ ଶ୍ରୀ ବାମ୍‌ଙ୍କୁ ବିଜେପିର ପ୍ରାର୍ଥୀ ଶଙ୍କର ଲାଲୱାନିଙ୍କ ବିରୋଧରେ ଛିଡା କରାଯାଇଥିଲା । ଯେଉଁ ସମୟରେ ଏହି ପ୍ରାର୍ଥିପତ୍ର ପ୍ରତ୍ୟାହାର ହୋଇଛି ପରବର୍ତ୍ତି ପ୍ରାର୍ଥୀ ଦେବାପାଇଁ କଂଗ୍ରେସ ପାଖରେ ଆଉ ସୁଯୋଗ ନାହିଁ । ସୁରତରେ ମଧ୍ୟ ଗତ ସପ୍ତାହରେ ସେହିଭଳି ଚିତ୍ର ଦେଖିବାକୁ ମିଳିଥିଲା । କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନକୁ ଖାରଜ କରାଯାଇଥିଲା ଓ ଅନ୍ୟ ୮ ଜଣ ପ୍ରାର୍ଥୀ ଆଶ୍ଚର୍ଯ୍ୟଜନକ ଭାବେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ । କଂଗ୍ରେସ ପାଇଁ ଏ ଦ୍ୱିତୀୟ ଧକ୍କା ହୋଇଛି ।

## କଂଗ୍ରେସ...

ଓ ଜିଲ୍ଲା କ୍ରୀଡା ସଂସଦର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି । କ୍ରୀଡା ସଙ୍ଗଠକ ଭାବେ ପରିଚିତ ଦୁଲାଲଙ୍କ ପରିବାର ରେଢାଖୋଲ ରାଜନୀତିରେ ବେଶ ସକ୍ରୀୟ । ଛାତ୍ର ଜୀବନରୁ ସେ ରାଜନୀତି ଆରମ୍ଭ କରିଛନ୍ତି । କଂଗ୍ରେସର ବିଭିନ୍ନ ପଦପଦବୀରେ ରହିବା ସହ ଦାୟିତ୍ୱ ତୁଲାଇଛନ୍ତି ।ରବିବାର ଦୁଲାଲଙ୍କୁ ବଦଳାଇ କଂଗ୍ରେସ ସଦ୍ୟ ବିଜେଡି ଛାଡିଥିବା ନଗେନ୍ଦ୍ର ପ୍ରଧାନଙ୍କୁ ସମ୍ବଲପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରିଛି ।

# ଚାଲିଛି ଜୁଆ ଓ କୋଇଲା ଚୋରା ଚାଲାଣ, ମିଳୁଛି ଧଳା ଜହର

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ ଅଧୀନ ଧୂଷୁରୀ ଥାନା ଅଂଚଳରେ ଏବେ ଚୋରା ବେପାର ସାଙ୍ଗକୁ ନାନାଦି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଧୂଷୁରୀ ଥାନା ଅଧୀନରେ ଧାମନଗର ଏବଂ ଚାନ୍ଦବାଲି ବ୍ଲକର ୨୩ ଗୋଟି ପଂଚାୟତ ରହିଛି। ଏହି ଅଂଚଳ ବିଭିନ୍ନ ଦୃଷ୍ଟିରୁ ଏକ ସମ୍ବେଦନଶୀଳ ଅଂଚଳ ଭାବେ ପରିଗଣିତ ହୋଇ ଆସୁଛି। କିଛିଦିନ ଧରି ଏହି ଅଂଚଳରେ ଜୁଆ ଖେଳ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଛି। ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ପ୍ରତିଦିନ ବେଆଇନ ଜୁଆ ଆଡ୍ଡା ଚାଲୁଥିବା ବେଳେ ପୂଜା ପାର୍ବଣରେ ଯାତ୍ରା ନାଁରେ ଏହା ଅଧିକ ଭାବେ ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି ଧୂଷୁରୀ ଥାନା ଏରିଆ ଚୋରା କୋଇଲା ମାଫିଆଙ୍କ ଭୂସ୍ୱର୍ଗ ପାଲଟି ଗଲାଣି। ତିହିଡି ଅଂଚଳରୁ ପ୍ରାୟ ପ୍ରତିଦିନ ଏକାଧିକ ଗାଡିରେ ବେତାଳିଗାଁ,ସହିଦ୍ ନଗର,ଅସୁରାଳି,ଧୂଷୁରୀ,କୋଠାର ଆଦି ବାଟ ଦେଇ ରାତିରେ ବେଆଇନ ଭାବେ ଚୋରାରେ ଟନ୍ ଟନ୍ କୋଇଲା ଯାଜପୁର କେନ୍ଦ୍ରାପଡା କେନ୍ଦୁଝର ଆଦି ଜିଲ୍ଲାକୁ ଚାଲାଣ ଚାଲିଛି। ସେହିପରି ବିଭିନ୍ନ ଛକ ବଜାର ସମେତ ମଠ ମନ୍ଦିର ଆଦି ନିକଟରେ ଖୋଲମଖୋଲା ଧଳା ପାଉଡର ଭଳି ମାରାତ୍ମକ ନିଶା ସହ ମଦ ଗଞ୍ଜେଇ କାରବାର ହେଉଛି। ବିଭିନ୍ନ ପାନ ଓ ଚାହା ଦୋକାନରେ ସବୁ ନିଶା ଜିନିଷ ମିଳୁଥିବା ଜଣାଯାଇଛି। ଏସବୁ ଅସାମାଜିକ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତି ଚଳାଇଥିବା ବେଳେ ପୁଲିସର ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଜୁଆ ଓ ନିଶା କବଳରେ ଅଳ୍ପ ବୟସର ଯୁବକ ଛାତ୍ର ପଡ଼ି ବରବାଦ ହେଉଛନ୍ତି। ଅନେକ ପରିବାର ଉଜୁଡି ଯାଇଥିବା ବେଳେ ଦୈନିକ ଅସାମାଜିକ କାର୍ଯ୍ୟ ହେଉଛି।

# ଐତିହାସିକ ଜଗୁସାଗର ପୋଖରୀରୁ ବେଆଇନ ମାଟି ବିକ୍ରି

ଧାମନଗର.(ସବ୍ୟୁ):ଧାମନଗର ଏନଏସି ବଡବଜାର ନିକଟରେ ଥିବା ଐତିହାସିକ ଜଗୁସାଗର ପୋଖରୀରୁ ବେଆଇନ ଭାବେ ଦୈନିକ ଶହ ଶହ ଟ୍ରାକ୍ଟର ମାଟି ବିକ୍ରି ହେଉଥିବାର ଜଣାଯାଛି। ଧାମନଗର ଏନଏସି ଅଧକ୍ଷା,ଏନଏସି ନିର୍ବାହୀ ଅଧିକାରୀ ଓ ଧାମନଗର ତହସିଲଦାର ଏ ସମ୍ପର୍କରେ ସବୁ ଜାଣିଶୁଣି ଚୁପ ରହିବା ସହ ଏହି କାର୍ଯ୍ୟରେ ଲିପ୍ତ ଥିବା ଅସାଧୁ ଠିକାଦାରଙ୍କୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଖବର ନେବାରୁ ଜଣାଯାଇଛି ଯେ ଧାମନଗର ସହର ମଧ୍ୟ ସ୍ଥଳରେ ଥିବା ଐତିହାସିକ ଜଗୁସାଗର ପୋଖରୀ ମତ୍ସ୍ୟ ବିଭାଗ ଅଧିନରେ ରହି ଆସିଥିବାବେଳେ ସରକାର ଏହି ବିରାଟ ପୋଖରୀକୁ ଧାମନଗର ଏନଏସିକୁ ହସ୍ତାନ୍ତର କରିଛି। ପରିତ୍ୟକ୍ତ ଅବସ୍ଥାରେ ଶତାଧିକ ବର୍ଷ ଧରି ପଡିରହିଥିବା ପୋଖରୀଟି ଅଳିଆ ଆବର୍ଜନା ମୟ ହୋଇ ପଡିଥିବାବେଳେ ପୋଖରୀ ଆଡିକୁ ବହୁ ଲୋକ ଜବରଦଖଲ କରି ରଖିଛନ୍ତି। ଧାମନଗର ଏନଏସି ଏହି ବହୁ ମୂଲ୍ୟବାନ ସମ୍ପତ୍ତିର ସୀମା ଚିହ୍ନଟ ନକରି କିମ୍ବା ଜବରଦଖଲ ଉଚ୍ଛେଦ ନକରି କେବଳ ପୋଖରୀର ଦଳ ସଫା କରିବା ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟ ପାଇଁ ଟେଣ୍ଡର କରାନଯାଇ ଏନଏସିର କାର୍ଯ୍ୟ ବୋଲି କହି ଦୁରେଇ ଯାଇଥିବାବେଳେ ଧାମନଗର ଏନଏସି ଅଧକ୍ଷା ଓ ନିର୍ବାହୀ ଅଧିକାରୀ ପୋଖରୀର କେବଳ ଦଳ ସଫା କରାଯାଉଛି ଏବଂ ମାଟି ଉଠାଇବାପାଇଁ କାର୍ଯ୍ୟାଦେଶ ନାହିଁ ବୋଲି କହିଛନ୍ତି। ତେବେ ଧାମନଗର

### ଜିଲ୍ଲାପାଳ ପଦକ୍ଷେପ ନେବାକୁ ଦାବି

କେତେକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ମାତ୍ର ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ଦେଖାନଥିବାବେଳେ କେତେକ ପେଷାଦାର ଠିକାଦାର ଉକ୍ତ କାର୍ଯ୍ୟ କରୁଥିବାର ଜଣାଯାଇଛି। ଦଳସଫା କରିବା ଆଳରେ ଉକ୍ତ ପୋଖରୀରୁ ବେଆଇନ ଭାବେ ହଜାର ହଜାର ଟ୍ରାକ୍ଟର ମାଟି ଖୋଲାଖୋଲି ଲୋକଙ୍କୁ ବିକ୍ରି କରାଯାଉଛି। ଏସମ୍ପର୍କରେ ଧାମନଗର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏହା ଏନଏସିର ଛାତି ଉପରେ ଏପରି ବେଆଇନ କାର୍ଯ୍ୟ କରାଯାଉଛି କାହା ନିର୍ଦ୍ଦେଶରେ କୋଟି କୋଟି ଟଙ୍କା ମୂଲ୍ୟର ମାଟିକୁ ସୁଚିନ୍ତିତ ଭାବେ ନୂଆ ଏନଏସିର ଖାଲଖମା ସ୍ଥାନକୁ ସମତଳ କରାଯାଇପାରିଥାନ୍ତା କିମ୍ବା ବହୁ ରାସ୍ତା ପ୍ରଶସ୍ତିକରଣ କରାଯାଇପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି। ତେବେ ଭଦ୍ରକ ଜିଲ୍ଲାପାଳ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଦାୟିତ୍ୱପୂର୍ଣ୍ଣ ବିଦ୍ୟୁତ୍ ବ୍ୟବହାର ପାଇଁ ଉପଭୋକ୍ତାଙ୍କୁ ପରାମର୍ଶ

ଭୁବନେଶ୍ୱର (ସବ୍ୟୁ) : ଖରାର ମାତ୍ରା ବଢିଚାଲିଥିବା ବେଳେ ଦକ୍ଷ ଭାବେ ବିଦ୍ୟୁତର ବ୍ୟବହାର କରିବାଆମର ପ୍ରାଥମିକତା ହେବା ଉଚିତ । ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶାଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ ଚାହିଦା ରେ ବୃଦ୍ଧି କୁ ଦୃଷ୍ଟି ରେ ରଖି ବିଦ୍ୟୁତ ଉପଭୋକ୍ତାଙ୍କନିମନ୍ତେ ନିର୍ଦ୍ଦେଶାବଳି ଜାରି କରାଯାଇଛି । ଏହି ସମୟରେ ବିଦ୍ୟୁତ୍ ଚାହିଦା ରେ ବୃଦ୍ଧି ଯୋଗୁଁ ଫ୍ୟୁଜ୍ ଉଡିଯିବା, କେବୁଲ୍‌କିମ୍ବା ଜଏ ରେ ଅସୁବିଧା, ଟ୍ରାନ୍ସଫର୍ମର ଓଭରଲୋଡିଂ ଭଳି ବିଭିନ୍ନ ଆହ୍ୱାନ ପାଇଁ ବିଦ୍ୟୁତ୍ ଯୋଗାଣରେ ବାଧା ସୃଷ୍ଟିହୋଇଥାଏ ।ବିଦ୍ୟୁତ୍ ଲାଇନରୁ ବେଆଇନ ଭାବେ ହୁକ ପକେଇ ବିଦ୍ୟୁତ ସଂଯୋଗ ନେବା ଦ୍ୱାରା ବିଦ୍ୟୁତ ଭିିତ୍ତିଭୂମି ଦୁର୍ବଳ ହେବାସହିତ ହଟ-ସ୍ପଟ୍ ସୃଷ୍ଟି କରିଥାଏ ଯାହା ପରବର୍ତୀ ସମୟରେ ବ୍ରେକଡାଉନ



ଏବଂ ବିପଦର ମୁଖ୍ୟ କାରଣ ପାଲଟିଥାଏ ।ଏହା ବୁଝିବା ଅତ୍ୟନ୍ତ ଜରୁରୀ ଯେ ଭାରତୀୟ ବିଦ୍ୟୁତ୍ ଅଧିନିୟମ, ୧୯୫୬ ର ଧାରା ୧୩୫ ଅନୁଯାୟୀ ବେଆଇନହୁକ ପକାଇବା କେବଳ ଆଇନ ବିରୋଧୀ ନୁହେଁ, ଏହା ମଧ୍ୟ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ ଏବଂସମାଜର କ୍ଷତି ଘଟାଇଥାଏ।ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଦାଇତ୍ୱବାନ ଭାବେ ବିଦ୍ୟୁତ୍ ବ୍ୟବହାର କରିବା ଆମ ପ୍ରତ୍ୟେକଙ୍କ ପାଇଁ ଜରୁରୀ ଅଟେ ।ଆମେ ଅତ୍ୟାବଶ୍ୟକ ବିଦ୍ୟୁତ ବ୍ୟବହାରକୁ ପ୍ରାଥମିକତା ଦେଇ, ବିଦ୍ୟୁତ ଅପଚୟରୁ ଦୂରେଇ ରହି ଏବଂ ଦକ୍ଷ ବିଦ୍ୟୁତପରିଚାଳନା କରି ଗ୍ରୀଡ୍ ଉପରେ ଚାପ ହ୍ରାସ କରିପାରିବା ।ଆମେ ଉପଭୋକ୍ତାମାନଙ୍କୁ ଅନୁରୋଧ କରୁଛୁ ଯେ ବିଦ୍ୟୁତ୍ ବ୍ୟବହାର ସହିତ ଜଡିତ କୌଣସି ଅନଧିକୃତ କାର୍ଯ୍ୟକଳାପରୁଦୟାକରି ଦୂରେଇ ରୁହନ୍ତୁ ଏବଂ ବିଦ୍ୟୁତ୍ ନିୟମାବଳୀକୁ ସମର୍ଥନ କରି ଆମ ସମାଜର ସୁରକ୍ଷା ପାଇଁ ଆମ ସହିତ ହାତମିଳାନ୍ତୁ । ଆସନ୍ତୁ ସମସ୍ତେ ଏକାଠି ହୋଇ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା । ଆପଣଙ୍କ ସହଯୋଗ ଆମପାଇଁ ମୁଲ୍ୟବାନ ଅଟେ ।

### ରଟିଣାରେ ଦଳୀୟ କର୍ମୀଙ୍କୁ ଭେଟିଲେ ବିଜେଡି ପ୍ରାର୍ଥିନୀ

ଖଇରା (ସବ୍ୟୁ) : ସିମୁଳିଆ ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥିନୀ ସୁବାଶିନୀ ସାହୁ ଦଳୀୟ ପ୍ରଚାରକୁ ଜୋରଦାର କରିଛନ୍ତି । ସ୍ୱାମୀ ଶଶି ସାହୁ ଓ ଦଳୀୟ ନେତୃବୃନ୍ଦଙ୍କ ସହ ରଟିଣା ଓ ବର୍ତ୍ତନା ଗ୍ରାମ ପଞ୍ଚାୟତ ର ବିଭିନ୍ନ ଗ୍ରାମକୁ ଯାଇ ବିଜେଡି କର୍ମୀଙ୍କୁ ଭେଟିବା ସହ ପଥପ୍ରାନ୍ତ ସଭାରେ ଉଦବୋଧନ ନେଇ ବିଜେଡି ପ୍ରଥମ କରି ସୁଯୋଗ ଦେଇଥିବା ମହିଳା ପ୍ରାର୍ଥନୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ । ରଟିଣା ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା ପରେ ତୁମ୍ବାପଦୀ ବଗଦିଆ ଗ୍ରାମକୁ ଯାଇ ବିଜେଡି କର୍ମୀଙ୍କୁ ଭେଟିଥିଲେ । ପରେ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁପାରୀ ସରପଞ୍ଚ ଜ୍ୟୋସ୍ନାରାଣୀ ଦାସ,ରଟିଣା ସମିତି ସଭ୍ୟା ଛବିଲତା ମହାପାତ୍ର ଓ ସରପଞ୍ଚ ବାସନ୍ତୀ ମହାନ୍ତି,ନିରଞ୍ଜନ ମହାପାତ୍ର, ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା,ଅଜୟ ବେହେରା ପ୍ରମୁଖ ଯୋଗ ଦେଇ ବିକଶିତ ସିମୁଳିଆ ପାଇଁ ବିଜେଡି ଏକମାତ୍ର ବିକଳ୍ପ ବୋଲି କହିଥିଲେ । ସୁଦର୍ଶନ ସାହୁ, ଚିନ୍ତାମଣି ପାଣିଗ୍ରାହୀ, ମଦନ ପୁହାଣ, କୈଳାସ ସାହୁ, ଅଞ୍ଜନ ମହାପାତ୍ର, ମୂରଲୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪ ସଂସଦୀୟ କ୍ଷେତ୍ର ଲାଗି ୩୭ ପ୍ରାର୍ଥୀ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଏକକାଳୀନ ସାଧାରଣ ନିର୍ବାଚନରେ ୪ଟି ସଂସଦୀୟ କ୍ଷେତ୍ର ଯଥା କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ପାଇଁ ମୋଟ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି । ତା. ୧୮/୦୪/୨୦୨୪ରିଖରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଥିବାବେଳେ ତା. ୨୫/୦୪/୨୦୨୪ରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ଥିଲା । ତା. ୨୬/୦୪/୨୦୨୪ରିଖ ଦିନ ସମସ୍ତ ପ୍ରାର୍ଥୀପତ୍ର ଯାଞ୍ଚ ହୋଇଥିଲା ଏବଂ ତା.୨୯/୦୪/୨୦୨୪ରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା ।

ଯାଞ୍ଚ ପରେ ୩୮ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ବୈଧ ରହିଥିବାବେଳେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ୪ଟି ସଂସଦୀୟ କ୍ଷେତ୍ର ପାଇଁ ମୋଟ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି । ସୂଚନାଯୋଗ୍ୟ ଯେ କଳାହାଣ୍ଡି ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୯, ମହିଳା ପ୍ରାର୍ଥୀ-୨), ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପାଇଁ ୪ ଜଣ (ପୁରୁଷ ପ୍ରାର୍ଥୀ-୪, ମହିଳା ପ୍ରାର୍ଥୀ-୦), ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୧୦, ମହିଳା ପ୍ରାର୍ଥୀ-୧) ଏବଂ କୋରାପୁଟ ସଂସଦୀୟ କ୍ଷେତ୍ର ପାଇଁ ୧୧ ଜଣ (ପୁରୁଷ ପ୍ରାର୍ଥୀ-୭, ମହିଳା ପ୍ରାର୍ଥୀ-୪) ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ । ଉପରୋକ୍ତ ୪ଟି ସଂସଦୀୟ କ୍ଷେତ୍ର ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବା ମୋଟ ୩୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ଜଣ ପୁରୁଷ ପ୍ରାର୍ଥୀ ହୋଇଥିବାବେଳେ ୭ ଜଣ ମହିଳା ପ୍ରାର୍ଥୀ ଅଟନ୍ତି ।

# ଓଡ଼ିଶୀ ଗବେଷକ ଡ଼ ମନୋଜ କୁମାର ବେହେରାଙ୍କୁ ସମ୍ବର୍ଦ୍ଧନା

କରଞ୍ଜିଆ ,(ସବ୍ୟୁ): ଓଡ଼ିଶୀ ନୃତ୍ୟରେ ପ୍ରଥମ ଡି.ଲିଟ ଧାରୀ ଓଡ଼ିଶୀ ନୃତ୍ୟ ଗୁରୁ ଓ ଗବେଷକ ତଥା ଡ଼ ମନୋଜ ବେହେରାଙ୍କୁ ସୋମବାର ଦିନ କରଞ୍ଜିଆର ଅଗ୍ରଣୀ ନୃତ୍ୟାନୁଷ୍ଠାନ ନୃତ୍ୟଶ୍ରୀ ଏକାଡେମୀ ପକ୍ଷରୁ କରଞ୍ଜିଆ ପ୍ରଶାନ୍ତି କନଭେନସନ ଠାରେ ପୁଷ୍ପଗୁଚ୍ଛ, ଉତ୍ତୋରିୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଉତ୍ସବର ସଭାପତିତ୍ୱ କାର୍ଯ୍ୟକାରୀ ସଭାପତି ଦିବ୍ୟ ପ୍ରସାଦ ସାହୁ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସମ୍ବର୍ଦ୍ଧିତ ପ୍ରତିଭା ଡ଼ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଇଓ କୃଷ୍ଣ ଚନ୍ଦ୍ର ସେଠୀ ଯୋଗଦାନ କରିଥିଲେ। ଅତିଥିଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ



ପରିବେଷଣ କରାଯାଇଥିଲା।ଛ କାର୍ଯ୍ୟକ୍ରମ ପରିଚାଳନା,ଅତିଥି ପରିଚୟ,ବାର୍ଷିକ ବିବରଣୀ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅନୁଷ୍ଠାନର ସମ୍ପାଦକ ସମିର ଓତା ସମ୍ୟକ ସୂଚନା ଦେଇଥିଲେ। ଅତିଥି ଗଣ ଓଡ଼ିଶାର ସୁନାମଧନ୍ୟ ଓଡ଼ିଶୀ ନୃତ୍ୟ ଗୁରୁ ଓ ଗବେଷକ ଡ଼ ମନୋଜ କୁମାର ବେହେରା ଓଡ଼ିଶୀ ନୃତ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରଥମ ଡି.ଲିଟ୍ ଉପାଧି ହାସଲ କରି ଓଡ଼ିଶାରେ ଏକ ଗୌରବ ମୟ ଇତିହାସ ସୃଷ୍ଟି କରିଛନ୍ତି ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ।ତାପସ କୁମାର ଦାସ ମାନପତ୍ର ପଠନ କରିଥିଲେ। ତେବେ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ତାଙ୍କ ମାନସ ସନ୍ତାନ ଏହି ଅନୁଷ୍ଠାନ ଆଜି ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ ।

# ଲଙ୍କାପୋଡି ତ୍ରୟୋଦଶ ଦିବସ : କୁମ୍ଭକର୍ଣ୍ଣ ବଧ

ଦଶପଲ୍ଲା ,(ସବ୍ୟୁ) : ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ତ୍ରୟୋଦଶ ଦିବସ ରେ ମୁଖ୍ୟ ମଞ୍ଚ ରେ ସମ୍ପୂର୍ଣ ବିର ରସରେ ଭରପୁର ହୋଇଥିଲା । ଶ୍ରୀରାମ ସେନା ଧରି ଲଙ୍କାରେ ପ୍ରବେଶ ପରେ ଯୁବରାଜ ଅଙ୍ଗଦ ଚିତାଉ ଧରୀ ସୀତାଙ୍କୁ ସମର୍ପଣ କରବା ନିମନ୍ତେ ରାବଣଙ୍କୁ ଆଦେଶ ଦିଅନ୍ତି । ମାତ୍ର ରାବଣ କର୍ଣ୍ଣପାତ ନ କରି ଅଙ୍ଗଦ ଙ୍କୁ ଧରିବା ନିମନ୍ତେ ସୈନ୍ୟଙ୍କୁ କୁହନ୍ତି ଛ ଏହି ସମୟ ରେ ଅଙ୍ଗଦ ରାବଣ ର ଜଗତି ଚାଳକୁ ଉପାଡି ଚାଲି ଆସନ୍ତି । ଏତିକି ବେଳେ ରାବଣ କପଟ ଆଚରଣ କରି ରାମ ଲକ୍ଷ୍ମଣଙ୍କର ମାୟା କଟା ମୁଣ୍ଡ ନେଇ ମାତା ସୀତାଙ୍କୁ ଦେଖାଇବାରୁ ସୀତା ଶୋକା କୁଳ ହୁଅନ୍ତି । ମାତ୍ର ବାନରସେନା ଲଂକାଗଡ ମଧ୍ୟରେ ପଶିବାରୁ ରାବଣ ଚାଲିଯାଏ ତ୍ରିଜଟା ଏହା ନକଲି ବୋଲି ଜଣାଏ । ପୁନଶ୍ଚ ରାବଣ ପାଖକୁ ହନୁମାନ ଙ୍କୁ ଦୂତ



ଭାବରେ ପ୍ରେରଣ କରାଯାଏ । ମାତ୍ର ରାବଣ କ୍ରୋଧ ପ୍ରକାଶ କରି ଯୁଦ୍ଧ ର ଡାକରା ଦିଏ । ପ୍ରଥମେ ଇନ୍ଦ୍ରଜିତ ଅମୋଘ ଅସ୍ତ୍ର ପ୍ରୟୋଗ କରି ଲକ୍ଷ୍ମଣ ଙ୍କୁ ଅଚେତ କରିଦିଏ । ମାତ୍ର ଅଧାବାଟରେ ଲକ୍ଷ୍ମଣ ଚେତା ପାଇ ଇନ୍ଦ୍ରଜିତ କୁ ମାରିବାକୁ ପଣ କରନ୍ତି ।ଇନ୍ଦ୍ରଜିତ ପୁନଶ୍ଚ ନାଗ ଫାସ ରେ ରାମ ଲକ୍ଷ୍ମଣ ଙ୍କୁ ଅଚେତ କରେ ଏହା ଶୁଣି ସୀତା ଙ୍କର ଶୋକ ଅତୀବ କରୁଣ ତଥା ଜନମାନସ କୁ ବିମୋହିତ କରେ। ବିଭିଷଣ ଙ୍କ ପରାମର୍ଶ କ୍ରମେ ଶ୍ରୀରାମ ଗରୁଡ଼ ଙ୍କୁ ସ୍ମରଣ କରନ୍ତି ଓ ଗରୁଡ଼ ଆସି ନାଗ ଫାସ ବନ୍ଧନ ରୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ମୁକ୍ତି କରନ୍ତି । ବାରମ୍ବାର ଯୁଦ୍ଧରେ ବିଫଳ ହେବାରୁ ରାବଣ ଆପଣାର ଜୋଧା ଭାଇ କୁମ୍ଭକର୍ଣ୍ଣଙ୍କୁ ନିଦରୁ ଉଠାଏ । କୁମ୍ଭକର୍ଣ୍ଣ ଆବେଳାରେ ଉଠିବା ଏକ ଅଶୁଭ ଲକ୍ଷଣ ଥିଲା । ସେ ରାବଣ ପାଖରୁ ସବୁ ଶୁଣିବା ପରେ ରାବଣ ର ସୀତା ହରଣ ଠିକ ନୁହେଁ ବୋଲି କହିବାରୁ ଛ ରାବଣ କୁମ୍ଭକର୍ଣ କୁ ଧିକାର କରି ବିଭିଷଣ ପରି ରାମ ର ସରଣ କୁ ଚାଲିଯିବାକୁ କହିବାରୁ ଭାତୃଭକ୍ତ କୁମ୍ଭକର୍ଣ୍ଣ ଯୁଦ୍ଧକୁ ବାହାରେ। କୁମ୍ଭକର୍ଣ୍ଣ ର ବିକଟାଳ ରୂପ ଦେଖି ସମସ୍ତ ବାନର ସେନା ଭୟରେ ଛାତ୍ରଭଙ୍ଗ କରନ୍ତି । ନୀଳ ବିର ମଧ୍ୟ ପରାସ୍ତ ହୁଅନ୍ତି ଛ ଏଣୁ ବାନର ଙ୍କୁ ସାହସ ଦେବା ପାଇଁ ନିଜେ ସୁଗ୍ରୀବ ଯୁଦ୍ଧକୁ ଆସି ପରାସ୍ତ ଓ ମୋହଗ୍ରସ୍ତ ହେବାପରେ କୁମ୍ଭକର୍ଣ୍ଣ ସୁଗ୍ରୀବ ଙ୍କୁ କାଖତଳେ ଚାପି ଲଂକାପୁର କୁ ଫେରିବା ବାଟରେ ସୁଗ୍ରୀବ ଚେତାପାଇ କୁମ୍ଭକର୍ଣ୍ଣ ର ନାସା ଓ କର୍ଣ କୁ ଛିଣ୍ଡାଇ ରକ୍ତ ଜର୍ଜରିତ କରନ୍ତି । ଏଣୁ ଅତିଶୟ କ୍ରୋଧରେ କୁମ୍ଭକର୍ଣ ଯୁଦ୍ଧ କୁ ଯାଇ ଭୟଙ୍କର ଯୁଦ୍ଧ କରେ ଛ ମାତ୍ର ଶେଷରେ ରାମଚନ୍ଦ୍ର ଅର୍ଦ୍ଧଚନ୍ଦ୍ର ବାଣରେ କୁମ୍ଭକର୍ଣ୍ଣ ର ସିର ଛେଦ କରନ୍ତି । ପୁଣି ଇନ୍ଦ୍ରଜିତ ସମର କୁ ଆସି ଶ୍ରୀ ରାମ ଓ ଲକ୍ଷ୍ମଣ ଙ୍କୁ ମୋହଗସ୍ତ କରିପକାଆନ୍ତି ଛ ଯୁଦ୍ଧରେ ଆଜି ରାବଣ ର ମହୋଦର, ଅତିକାୟ ମହାପାରୁଷ, ବଜ୍ର ଦୃଷ୍ଟ ,ଦେବାନ୍ତକ, କାଳନ୍ତକ ,ଧୂମ୍ରାକ୍ଷ, ଅଙ୍ଗ ପନ୍ନ ,ପିଶାଚ,ବଜ୍ରଅଙ୍ଗ,କୁମ୍ଭ,ନିକୁମ୍ଭ ଆଦିବିର ନିଧନ ହୁଅନ୍ତି ।ଏଣୁ ପୁଣି କପଟ ଆଚରଣ କରି ଏକ ମାୟା ସୀତାକୁ ଆଣି ଶ୍ରୀରାମଙ୍କ ପାଖରେ ଇନ୍ଦ୍ରଜିତ ହତ୍ୟା କରେ ମାତ୍ର ଶୋକାତୁର ରାମ ଙ୍କୁ ବିଭିଷଣ ସବୁକଥା କହବା ପରେ ନିରନାୟକ ଯୁଦ୍ଧ ପାଇଁ ଯୋଜନା କରନ୍ତି । ଏଭଳି ଯୁଦ୍ଧର ନାଟକରେ ମୁଖ୍ୟ ମଞ୍ଚ ଯୁଦ୍ଧ ମୟ ହୋଇ ଉଠିଥିବା ବେଳେ ଏହାକୁ ଦେଖିବାକୁ ବହୁ ଜନ ସମାଗମ ହୋଇଥିଲା।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

